C. S. (Main) Exam : 2012

Sl. No.

**E-DTN-M-JMD-15**

# ORIYA

**(Compulsory)**

*Time Allowed : Three Hours* | *Maximum Marks : 300*

## INSTRUCTIONS

*Candidates should attempt **ALL** questions.*

*The number of marks carried by each question is indicated at the end of the question.*

*Answers must be written in **Oriya**, unless otherwise directed.*

*Prescribed word-limit must be followed for Question No. 3. The precis must be attempted **only** on the special precis sheets provided separately. These precis sheets are to be securely attached to the answer book.*

***Important : Whenever a Question is being attempted, all its parts/sub-parts must be attempted contiguously. This means that before moving on to the next Question to be attempted, candidates must finish attempting all parts/sub-parts of the previous Question attempted. This is to be strictly followed.***

*Pages left blank in the answer-book are to be clearly struck out in ink. Any answers that follow pages left blank may not be given credit.*

(Contd.)

1. ନିମ୍ନୋକ୍ତ ଯେ କୌଣସି **ଗୋଟିଏ** ବିଷୟରେ ୩୦୦ ଶବ୍ଦ ମଧ୍ୟରେ ଏକ ପ୍ରବନ୍ଧ ଲେଖ : 100

(କ) ଭାରତ : ବାଣିଜ୍ୟିକ ବିକାଶର ଏକ ଦୃଶ୍ୟମାନ ପରିସର

(ଖ) ମହାନଗରଗୁଡ଼ିକ ମହିଳାଙ୍କ ପାଇଁ କେତେ ନିରାପଦ ?

(ଗ) ବନ୍ୟଜୀବନ ସଂରକ୍ଷଣ ଓ ପରିଚାଳନା

(ଘ) ଭାରତରେ ନିଯୁକ୍ତିମୂଳକ ଶିକ୍ଷା

(ଙ) ଚଳଚ୍ଚିତ୍ରର କାଳ୍ପନିକ ଜଗତ

2. ନିମ୍ନ ପରିଚ୍ଛେଦଟି ଭଲଭାବରେ ପାଠ କରି ଶେଷରେ ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ସ୍ପଷ୍ଟ ଓ ସଂକ୍ଷିପ୍ତ ଭାଷାରେ ଦିଅ : 6×10=60

ଅଧିକାଂଶ ପାଠକ କେବଳ ସାମୟିକ ଆମୋଦ ପ୍ରଦାନକାରୀ ପୁସ୍ତକ ପାଠ କରିଥାନ୍ତି । ଅନ୍ୟ ଭାଷାରେ କହିଲେ ସେମାନେ ସାଧାରଣତଃ ସମୟ ଅତିବାହିତ କରିବା ପାଇଁ ପୁସ୍ତକ ପାଠ କରିଥାନ୍ତି । ସମୟ ଏକ ମୂଲ୍ୟବାନ ସଂପଦ — ଏକଥା ବହୁସମୟରେ ଅନୁଭବ କରାଯାଇ ନ ଥାଏ । ଅନେକ ପାଠକ ଏ ସମ୍ପଦକୁ ଅପବ୍ୟୟ କରିଥାନ୍ତି । ଏହା ଅବିଶ୍ୱାସ୍ୟ ମନେହେଲେ ମଧ୍ୟ ଏହାଦ୍ୱାରା ସେମାନଙ୍କର ଅନେକ କ୍ଷତି ସାଧିତ ହୋଇଥାଏ । ସମୟ ଅତିବାହିତ କରିବାପାଇଁ ପୁସ୍ତକ ପାଠକୁ ଏକ ଉପାଦେୟ ମାଧ୍ୟମ ଭାବରେ ଗ୍ରହଣ କରି ସେମାନେ ପଢ଼ିଥାନ୍ତି । ଏ କଥା ସତ୍ୟ ଯେ ସେମାନେ ଏହା ବ୍ୟତିରେକ ଅନ୍ୟ କୌଣସି ଉଦ୍ଦେଶ୍ୟ ନେଇ ପଢ଼ିବା ଆରମ୍ଭ କରି ନ ଥାନ୍ତି । ଯଦି ଏକଥା ହୋଇଥାନ୍ତା, ତେବେ

ସେମାନେ ସେଥିମଧ୍ୟରୁ କିଛି ଉପାଦେୟ ଅଂଶ ବାହାର କରିପାରିଥାନ୍ତେ, କିନ୍ତୁ ସେ ପ୍ରକାରର ସୂଚନା ମିଳେ ନାହିଁ। ସେମାନଙ୍କର ପୁସ୍ତକଲବ୍ଧ ଜ୍ଞାନ ତାଙ୍କ ଉପରେ ସାମାନ୍ୟ ପ୍ରଭାବ ବିସ୍ତାର କରିଥାଇପାରେ, କିନ୍ତୁ ପ୍ରକୃତରେ ପ୍ରଭାବିତ ହୋଇଥିଲେ ମଧ୍ୟ ସେମାନେ ସେ ବିଷୟରେ ଅନଭିଜ୍ଞ। ଯେତେବେଳେ ଆମେ କାହାଦ୍ୱାରା ପ୍ରଭାବିତ ଜାଣି ନ ଥାଉଁ, ସେ ପ୍ରକାରର ପ୍ରଭାବ ଯେ ଆମପକ୍ଷେ ଲାଭଜନକ ବା କ୍ଷତିକାରକ ହୋଇପାରେ, ସେକଥା ଆମେ କହିପାରିବା ନାହିଁ। ସେ ପ୍ରକାରର ପ୍ରଭାବ ତାଙ୍କ ଅଜାଣତରେ ହୋଇଥାଏ, ତେଣୁ ସେମାନେ କେଉଁ ଜ୍ଞାନ ଆହରଣ କରିଛନ୍ତି କହିବା ସମ୍ଭବ ନୁହେଁ। ଫଳରେ ସେମାନେ କେଉଁ ଶିକ୍ଷା ଲାଭ କଲେ କହିପାରନ୍ତି ନାହିଁ।

(i) ଲେଖକଙ୍କ ମତରେ କେଉଁ ଉଦ୍ଦେଶ୍ୟରେ ଅନେକ ପାଠକ ପୁସ୍ତକ ପାଠ କରିଥାନ୍ତି ?

(ii) କେଉଁ କାରଣରୁ ଲେଖକ ଭାବନ୍ତି ଯେ ପାଠକ ସମୟର ମୂଲ୍ୟ ବୁଝି ନ ଥାନ୍ତି ?

(iii) ପାଠକ ସମୟର ଉପଯୁକ୍ତ ବିନିଯୋଗ କରି ନ ଥାନ୍ତି — ଏକଥା କେଉଁ ବକ୍ତବ୍ୟରେ ସୂଚିତ ?

(iv) ଲେଖକ ପାଠକଙ୍କ ଠାରୁ ପଢ଼ା ସରିବା ପରେ କ'ଣ ଆଶା କରିଥାନ୍ତି ?

(v) ଉଦ୍ଦେଶ୍ୟବିହୀନ ପଠନ ନିମ୍ନମାନର — ଏକଥା ଲେଖକ କେଉଁ କାରଣରୁ ଉପଲବ୍ଧି କରିଛନ୍ତି ?

(vi) ଲେଖକ କେଉଁଧରଣର ପାଠକଙ୍କୁ ପସନ୍ଦ କରନ୍ତି ?

**3.** ନିମ୍ନ ପରିଚ୍ଛେଦର ସଂକ୍ଷିପ୍ତସାର ଏକ-ତୃତୀୟାଂଶ ଶବ୍ଦରେ ଲେଖ । ନିର୍ଦ୍ଧାରିତସଂଖ୍ୟକ ଶବ୍ଦ ମଧ୍ୟରେ ନ ଲେଖିଲେ ଏହାର ମୂଲ୍ୟାଙ୍କନ କରାଯିବ ନାହିଁ ବା ମୂଲ୍ୟାଙ୍କ ବିଯୁକ୍ତ ହେବ । ସଂକ୍ଷିପ୍ତସାରକୁ ଏଥି ନିମନ୍ତେ ଦିଆଯାଇଥିବା ସ୍ୱତନ୍ତ୍ର ପୃଷ୍ଠାରେ ଲେଖିବାକୁ ହେବ ଏବଂ ସେହି ପୃଷ୍ଠା ଯେପରି ମୂଳଖାତାରେ ସଂଯୁକ୍ତ ହୁଏ ସେଥିପ୍ରତି ପରୀକ୍ଷାର୍ଥୀ ଦୃଷ୍ଟି ଦେବେ । 60

ଜଳ ପୃଥିବୀର ସବୁଠାରୁ ସାଧାରଣ ଅଥଚ ମୂଲ୍ୟବାନ ସମ୍ପଦ । ପୃଥିବୀର ଶତକଡ଼ା ସତୁରି ଭାଗ ଅଂଶ ଜଳମୟ । ସମୁଦାୟ ୧·୩୮୬ ନିୟୁତ ଘନ କିଲୋମିଟର ଅଂଶବିଶିଷ୍ଟ ଜଳଭାଗ ମଧ୍ୟରୁ ଶତକଡ଼ା ଶତାନବେ ଭାଗ ଲବଣଯୁକ୍ତ ଜଳ ହୋଇଥିବା ଯୋଗୁଁ ତାହା ବ୍ୟବହାର ଉପଯୋଗୀ ନୁହେଁ । ବଳକା ତିନିଭାଗ ଅଂଶ ହିଁ ବ୍ୟବହାର ଉପଯୋଗୀ ସ୍ୱଚ୍ଛ ଜଳ । କିନ୍ତୁ ଏହାର ୬୮·୫ ଭାଗ ଜଳ ବରଫ ଭାବରେ ବା ବରଫାବୃତ ହୋଇ ରହିଥିବାରୁ ଏହା ମାନବ ସମାଜର ବ୍ୟବହାର ନିମନ୍ତେ ଉପଲବ୍ଧ କରାଯାଇପାରେ ନାହିଁ । ତିରିଶ ଭାଗ ଜଳ ଭୂଗର୍ଭରେ ଥିବାବେଳେ ମାତ୍ର ୦·୯ ଭାଗ ଜଳ ଭୂପୃଷ୍ଠରେ ନଦୀ, ନାଳ, ଝରଣା ଓ ହ୍ରଦରେ ରହିଛି । ଆମେ ମୁଖ୍ୟତଃ ମଧୁର ଜଳ ଯାହା ଦୈନିକ ସତୁରି ଘନ କିଲୋମିଟର ନଦୀ, ଝରଣା ଓ ହ୍ରଦରୁ ପାଇବାବେଳେ ସତୁରି ଘନ କିଲୋମିଟର ଭୂଗର୍ଭରୁ ପାଇଥାଉ । ହଜାର ହଜାର ବର୍ଷ ଧରି ଏ ବ୍ୟବସ୍ଥା ରହି ଆସିଛି । କିନ୍ତୁ ଅକସ୍ମାତ୍ ଏହାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି । ବିଗତ ଦଶନ୍ଧି ମଧ୍ୟରେ ଘରୋଇ ବ୍ୟବହାର ସହିତ, କୃଷି ଓ ଶିଳ୍ପ ଜଗତରେ ଏହାର ବ୍ୟବହାର ବୃଦ୍ଧି ପାଇଥିବାରୁ ଏହାର ଚାହିଦା ଅନେକ ପରିମାଣରେ ବଢ଼ି ଯାଇଛି । ୧୯୪୦ ମସିହାରେ

ଯେତେବେଳେ ପୃଥିବୀର ଜନସଂଖ୍ୟା ଦୁଇ ନିୟୁତ ଥିଲା ଏବଂ ବାର୍ଷିକ ମୁଣ୍ଡପିଛା ଜଳ ବ୍ୟବହାର ୧,୦୦୦ ଘନ ମିଟର ଥିଲା, ୨୦୦୦ ମସିହାକୁ ଲୋକସଂଖ୍ୟା ୬ ନିୟୁତକୁ ଏବଂ ଜଳର ଆବଶ୍ୟକତା ମୁଣ୍ଡପିଛା ୬,୦୦୦ ଘନ ମିଟରକୁ ବଢ଼ି ଯାଇଛି । ତେଣୁ ଏହି ବୃଦ୍ଧି, ମଧୁର ଜଳ ଭଣ୍ଡାର ଉପରେ ଅନେକ ଚାପ ପକାଇଛି । ମୁଖ୍ୟତଃ ଜନସଂଖ୍ୟାବହୁଳ ଅଞ୍ଚଳରେ ଏବଂ ଅତ୍ୟଧିକ ପରିମାଣରେ ଜଳଭଣ୍ଡାର ନ ଥିବା ଅଞ୍ଚଳରେ ଶତକଡ଼ା ସତୁରି ଭାଗ ଅଂଶ ମଧୁର ଜଳ କୃଷି ନିମନ୍ତେ, ୨୨ ଭାଗ ଶିଳ୍ପକ୍ଷେତ୍ରରେ ଏବଂ ୮ ଭାଗ ଘରୋଇ ବ୍ୟବହାରରେ ବିନିଯୋଗ ହେଉଛି । ନିର୍ମଳ ଜଳ ପର୍ଯ୍ୟାପ୍ତ ପରିମାଣରେ ମିଳିପାରୁ ନାହିଁ । ଅପର ପକ୍ଷରେ ପୃଥିବୀର ଜନସଂଖ୍ୟାର ବୃଦ୍ଧି ଯୋଗୁଁ ମଧୁର ଜଳର ଆବଶ୍ୟକତା ବୃଦ୍ଧି ପାଇବାରେ ଲାଗିଛି । ପ୍ରତ୍ୟେକ ବର୍ଷ ଅର୍ଦ୍ଧେକ ମଧୁର ଜଳ ବ୍ୟବହାର ହୋଇ ଚାଲିଛି । ଅନୁମାନ କରାଯାଏ ଏହାର ଆବଶ୍ୟକତା ୨୦୫୦ ମସିହା ମଧରେ, ଜନସଂଖ୍ୟାର ବୃଦ୍ଧି ଯୋଗୁଁ, ଶତକଡ଼ା ୭୪ ଭାଗକୁ ବୃଦ୍ଧି ପାଇବ । ଯଦି ସବୁସ୍ଥାନରେ ଲୋକେ ଆମେରିକାବାସିନ୍ଦାଙ୍କ ଭଳି ଅତିରିକ୍ତ ଜଳ ବ୍ୟବହାର କରନ୍ତି ତେବେ ଏହାର ଆବଶ୍ୟକତା ୯୦ ଭାଗକୁ ବୃଦ୍ଧି ପାଇବ ।

ମଧୁର ଜଳ ଭଣ୍ଡାରର ସବୁଠାରୁ ମୂଳ ବୈଶିଷ୍ଟ୍ୟ ହେଲା, ଏହା ପୃଥିବୀର ସମସ୍ତ ସ୍ଥଳରେ ସମାନ ଭାବରେ ବିସ୍ତୀର୍ଣ୍ଣ ହୋଇ ରହି ନାହିଁ । ଗ୍ରୀନ୍‌ଲ୍ୟାଣ୍ଡ ଭଳି କେତେକ ଦେଶରେ ୧୦,୭୬୭ ନିୟୁତ ଘନ ମିଟର ବ୍ୟାପୀ ଜଳ ଭଣ୍ଡାର ଥିବାବେଳେ କୁଏତ୍ ଭଳି ମାତ୍ର ୧୦ ଘନ ମିଟର ଜଳ ଥିବା ସ୍ଥାନ ରହିଛି । ୧୯୫୧ ମସିହାର ତଥ୍ୟ ଅନୁସାରେ ଭାରତରେ ମୁଣ୍ଡପିଛା ୫,୧୭୭ ଘନ ମିଟର ଜଳ ସେ ସମୟରେ ମିଳୁଥିଲା । ତାହା ଏବେ ଖସିଯାଇ ୨୦୦୧ ମସିହାରେ ୧,୮୨୦ ଘନ ମିଟରକୁ ପହଞ୍ଚିଛି । ଫଳରେ ଏହା ଅନ୍ୟ କେତେକ

ଦେଶ ଭଳି ଜଳର ବ୍ୟାପକତା ଦୃଷ୍ଟିରୁ ଦରିଦ୍ର ହୋଇ ଯାଇଛି । ୨୦୨୫ ମସିହା ମଧ୍ୟରେ ଏହା ୧,୩୪୦ ଘନ ମିଟରକୁ ଖସିଯିବାର ଆଶଙ୍କା ଦେଖା ଦେଇଛି ।

ପୃଥିବୀର ଅନେକ ବୃହତ୍ ନଦୀ ଏବଂ ସେମାନଙ୍କର ଶାଖା ନଦୀଗୁଡ଼ିକ ବିଭିନ୍ନ ଦେଶ ମଧ୍ୟ ଦେଇ ପ୍ରବାହିତ ହୋଇଥାନ୍ତି । ଉଦାହରଣ ସ୍ୱରୂପ, ଗଙ୍ଗା ଓ ତାର ଶାଖା ନଦୀଗୁଡ଼ିକ ନେପାଳ, ଭାରତ ଓ ବଙ୍ଗଦେଶ ଦେଇ ପ୍ରବାହିତ ହୋଇଥିବାବେଳେ ସିନ୍ଧୁ ଓ ତାର ଶାଖା ନଦୀଗୁଡ଼ିକ ଭାରତ ଓ ପାକିସ୍ଥାନ ମଧ୍ୟ ଦେଇ ପ୍ରବାହିତ ହୋଇଛନ୍ତି । ଜର୍ମାନୀରୁ ଆରମ୍ଭ ହୋଇଥିବା ଦାନୁବେ ନଦୀ, ଅଷ୍ଟ୍ରିଆ, ସ୍ଲୋଭାକିଆ, ହଙ୍ଗେରି, କ୍ରୋଶିଆ, ସର୍ବିଆ, ରୋମାନିଆ, ବୁଲ୍‌ଗାରିଆ, ମାଲ୍‌ଡ଼ାଭିଆ ଏବଂ ୟୁକ୍ରେନ୍ ଦେଇ ପ୍ରବାହିତ ହୋଇଛି । ଜାମ୍ବେଜେ ନଦୀ ଜାମ୍ବିଆ, ଆଙ୍ଗୋଲା, ନାମିବିଆ, ବଟ୍‌ସୱାନା, ଜିମ୍ବାୱେ ଓ ମୋଜାମ୍ବିକ୍ ମଧ୍ୟ ଦେଇ ପ୍ରବାହିତ ହୋଇଛି । ଇଜିପ୍ଟ୍‌ର ଜୀବନ ନାଇଲ୍ ନଦୀ ଅନ୍ୟ ଆଠଟି ଦେଶର ଜଳାଧାରରୁ ସୃଷ୍ଟ । ସେହି ଆଠଟି ଦେଶ ହେଲେ ସୁଦାନ୍, ଇଥୋପିଆ, କେନିଆ, ରୱାଣ୍ଡା, ବୁରୁଣ୍ଡି, ଉଗାଣ୍ଡା, ତାନ୍‌ଜାନିଆ ଓ ଜାଇରେ । ଯେତେବେଳେ ଗୋଟିଏ ନଦୀ ଏକରୁ ଅଧିକ ଦେଶ ଦେଇ ପ୍ରବାହିତ ହୋଇଥାଏ, ସେତେବେଳେ ତାର ଜଳ ବ୍ୟବହାର ନେଇ ଦେଶ ଦେଶ ମଧ୍ୟରେ କନ୍ଦଳ ସୃଷ୍ଟି ହୋଇଥାଏ । ଖ୍ରୀ:ପୂ: ୩୦୦୦ ବର୍ଷରୁ ଏପ୍ରକାର କନ୍ଦଳ ଦକ୍ଷିଣ ଓ ମଧ୍ୟ ଏସିଆ, ମଧ୍ୟ ୟୁରୋପ ଓ ମଧ୍ୟପ୍ରାଚ୍ୟ ଦେଶମାନଙ୍କରେ ଆଜି ପର୍ଯ୍ୟନ୍ତ ଲାଗି ରହିଛି । କୃଷି, ଶିଳ୍ପ ଓ ଘରୋଇ ବ୍ୟବହାର ପାଇଁ ଜଳର ଆବଶ୍ୟକତା ବୃଦ୍ଧି ପାଇବା ଯୋଗୁଁ ଏ କନ୍ଦଳ ବୃଦ୍ଧି ପାଇଛି ଏବଂ ଏହା ଫଳରେ ଅନେକ ଅଶାନ୍ତି ଓ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଆକ୍ରମଣଶୀଳ ମନୋଭାବ ଓ ଶତ୍ରୁତା ବୃଦ୍ଧି ପାଇଛି ।

ଜଳ ବଣ୍ଟନ ଦେଶ ଭିତରେ ମଧ ସ୍ଥାନୀୟ ଏବଂ ପ୍ରାନ୍ତୀୟ ଭାଗରେ ଏକ ବିଶେଷ ସମସ୍ୟା ଭାବରେ ଦେଖାଦେବା ସଙ୍ଗେ ସଙ୍ଗେ ସ୍ପର୍ଶକାତର ପରିସ୍ଥିତି ସୃଷ୍ଟି କରିଛି । ଅତୀତରେ ଗୌତମବୁଦ୍ଧ (୫୬୩-୪୮୩ ଖ୍ରୀ:ପୂ:) ରୋହିଣୀ ନଦୀର ଜଳ ବଣ୍ଟନକୁ ନେଇ ଶାକ୍ୟ ଓ. କୋଟିୟାଙ୍କ ମଧ୍ୟରେ ଉପୁଜିଥିବା ମନୋମାଳିନ୍ୟର ସମାଧାନରେ ହସ୍ତକ୍ଷେପ କରିଥିଲେ ।

**4.** ନିମ୍ନ ପରିଚ୍ଛେଦଟିକୁ ଓଡ଼ିଆରେ ଅନୁବାଦ କର : 20

I remember my father starting his day at 4 a.m. by reading the namaz before dawn. After the namaz, he used to walk down to a small coconut grove we owned, about 4 miles from our home. He would return, with about a dozen coconuts tied together thrown over his shoulder, and only then would he have his breakfast. This remained his routine even when he was in his late sixties.

I have throughout my life tried to emulate my father in my own world of science and technology. I have endeavoured to understand the fundamental truths revealed to me by my father, and feel convinced that there exists a divine power that can lift one up from confusion, misery, melancholy and failure, and guide one to one's true place. And once an individual severs his emotional and physical bondage, he is on the road to freedom, happiness and peace of mind.

**5.** ନିମ୍ନ ପରିଚ୍ଛେଦଟିକୁ ଇଂରାଜୀରେ ଅନୁବାଦ କର : 20

ଅତି ପୁରାତନ କାଳରୁ ଡାକ୍ତରଖାନାର ପ୍ରଚଳନ ଥିଲା । ଖ୍ରୀଷ୍ଟପୂର୍ବ ସମୟରୁ ଗ୍ରୀସ୍, ଇଜିପ୍ଟ୍ ଏବଂ ଭାରତରେ ଏ ଦିଗରେ ପଦକ୍ଷେପ ନିଆଯାଇଛି । ଏବେ ପୃଥିବୀର ଅନେକ ଦେଶରେ ବିବିଧ ଚିକିତ୍ସା ସୁବିଧା ଥିବା ବଡ଼ ବଡ଼ ଡାକ୍ତରଖାନା ସ୍ଥାପିତ ହୋଇଛି । ସେଗୁଡ଼ିକ ମଧ୍ୟରୁ ଅନେକ ସଂସ୍ଥାରେ ପ୍ରଶିକ୍ଷଣ ତଥା ଗବେଷଣା ସୁବିଧା ମଧ୍ୟ ରହିଛି । ଅନେକ ସଂଖ୍ୟକ କ୍ଷୁଦ୍ର ଅନୁଷ୍ଠାନରେ କେତେକ ମୁଖ୍ୟ ରୋଗର ଚିକିତ୍ସା ସୁବିଧା ସହିତ ମହିଳା ଓ ଶିଶୁମାନଙ୍କ ଆବଶ୍ୟକତା ଅନୁଯାୟୀ ଚିକିତ୍ସା ବ୍ୟବସ୍ଥା ରହିଛି । ସଂଯୁକ୍ତ ରାଷ୍ଟ୍ର ଓ ଆମେରିକାରେ ସାଧାରଣତଃ ଡାକ୍ତରଖାନାଗୁଡ଼ିକ ରାଜ୍ୟ କିମ୍ୱା ମ୍ୟୁନିସିପାଲିଟି ଦ୍ୱାରା ପରିଚାଳିତ ହେଉଥିବାରୁ ରିହାତି ମୂଲ୍ୟରେ ସୁବିଧା ପ୍ରଦାନ କରାଯାଇଥାଏ । ଏ ପ୍ରକାରର ବ୍ୟବସ୍ଥାରେ କାର୍ଯ୍ୟରେ କୌଣସି ବାଧା ସୃଷ୍ଟି ନ ହେବା ସଂଗେ ସଂଗେ ଅର୍ଥନୈତିକ ସମସ୍ୟା ମଧ୍ୟ ଦେଖା ଦେଇ ନ ଥାଏ । ବରଂ ଏହାଦ୍ୱାରା ସମାଜର ମଙ୍ଗଳସାଧନ ନିମନ୍ତେ ଏକ ଶୃଙ୍ଖଳିତ ବ୍ୟବସ୍ଥା ଅନୁମୋଦନ କରିବା ସଙ୍ଗେ ସଙ୍ଗେ ଶକ୍ତି ମିତବ୍ୟୟିତା ଅବଲମ୍ୱନ କରାଯାଇଥାଏ । ମାତ୍ର ପ୍ରଭୂତ ସମାଲୋଚନାର ଅଭାବ ଓ ଅପବ୍ୟୟୀ ଖର୍ଚ୍ଚ ଯୋଗୁଁ ଏକ ନିଷ୍ଫଳ, ଯନ୍ତ୍ରବତ୍, ଆତ୍ମାଶୂନ୍ୟ ପଦ୍ଧତି ସୃଷ୍ଟି ହୋଇ ଦକ୍ଷତା ହ୍ରାସ ପାଇଥାଏ ।

**6.** (କ) ବିଶେଷ ଅର୍ଥ ଲେଖି ଯେ କୌଣସି **ପାଞ୍ଚଟିକୁ** ବାକ୍ୟରେ ବ୍ୟବହାର କର : 5×2=10

(i) କୁହୁଡ଼ିରେ ପହଁରିବା

(ii) ଅହି ନକୁଳ ସଂପର୍କ

(iii) ଓଳିଆରୁ ଗଜା

(iv) ଦାଉ ସାଧିବା

(v) ଜପାମାଳି

(vi) ଆଖି ପକାଇବା

(vii) ଖତଗଦାର ପଦ୍ମ

(viii) ଅନ୍ଧାରରେ ବାଡ଼ି ବୁଲାଇବା

(ଖ) **ପାଞ୍ଚଟି ଶବ୍ଦର ଭ୍ରମ ସଂଶୋଧନ କର :** 5×1=5

(i) ନୀର୍ଜନ

(ii) ଦିଗାମ୍ବର

(iii) ଉକ୍ରର୍ଷତା

(iv) ମହତ୍ୱ

(v) ମୂକ

(vi) ଦୂର୍ଗା

(vii) ପୌରହିତ୍ୟ

(viii) ଦ୍ୱନ୍ଦ

(ଗ) **ପାଞ୍ଚଟିର ବିପରୀତାର୍ଥକ ଶବ୍ଦ ଲେଖ :** 5×1=5

(i) ଅନୁଗ୍ରହ

(ii) ଆଦ୍ୟ

(iii) ରକ୍ଷକ

(iv) ମୂକ

(v) ପ୍ରଶସ୍ତ

(vi) ଆବାହନ

(vii) ଗମ୍ୟ

(viii) କୁକର୍ମ

(ଘ) **ପାଞ୍ଚଟି** ଶବ୍ଦର ପ୍ରକୃତି ପ୍ରତ୍ୟୟ ଲେଖି କୃଦନ୍ତ ବା ତଦ୍ଧିତ ପଦ ଚିହ୍ନାଅ : 5×1=5

(i) ଉଠାଣ

(ii) ଶାନ୍ତି

(iii) ପାଠୁଆ

(iv) ଚଳଣି

(v) ପାନୀୟ

(vi) ଘଟଣା

(vii) ଠକାମି

(viii) ମୁନିଆ

(ଙ) **ପାଞ୍ଚ** ଯୋଡ଼ା ସମୋଚ୍ଚାରିତ ଶବ୍ଦର ଅର୍ଥ ଲେଖ : 5×1=5

(i) ଦୀପ — ଦ୍ୱିପ

(ii) ପୀତ — ପିତ୍ତ

(iii) ବଳି — ବଳୀ

(iv) କାଳୀ — କାଳି

(v) ବୃତି — ବୃତ୍ତି

(vi) ବଧ — ବଦ୍ଧ

(vii) ଇତି — ଈତି

(viii) ଶାନ୍ତ — ସାନ୍ତ

(ଚ) ବିଶେଷ୍ୟକୁ ବିଶେଷଣ ଓ ବିଶେଷଣକୁ ବିଶେଷ୍ୟ ପଦରେ ପ୍ରକାଶ କର । (ପାଞ୍ଚଟି) 5×1=5

(i) ପାଣ୍ଡିତ୍ୟ

(ii) ଲୁଣ

(iii) ସ୍ୱାଧୀନ

(iv) ମଧୁର

(v) ପରିଶ୍ରମୀ

(vi) ଦର୍ଶନ

(vii) ବାର୍ଦ୍ଧକ୍ୟ

(viii) ଚାଞ୍ଚଲ୍ୟ

(ଛ) **ପାଞ୍ଚଟିର** ସନ୍ଧି ବିଚ୍ଛେଦ କର : 5×1=5

(i) ଯତୀନ୍ଦ୍ର

(ii) ଧନେଶ୍ୱର

(iii) ମହର୍ଷି

(iv) ସ୍ୱାଗତ

(v) ପୁରୁଷୋତ୍ତମ

(vi) କଟୂକ୍ତି

(vii) ପ୍ରୌଢ଼

(viii) ଜଗନ୍ନାଥ

---